ପ୍ରେସ୍ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

## ସ୍ନାନବେଦୀରେ ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ, ତା ୨.୬ :- ଆଜି ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଶ୍ରୀଜୀଉମାନେ ଗଜାନନ ବେଶରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଆଜିଠାରୁ ଶ୍ରୀଜୀଉମାନେ ମହାଅଣସରରେ ରହିବେ । ଆସନ୍ତା ୧୫ ତାରିଖରେ ବ୍ରହ୍ମ ପରିବର୍ତ୍ତନ କରାଯିବ । ଜୁଲାଇ ୧୮ ତାରିଖରେ ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନ ରଥରେ ବିଜେ କରି ଦର୍ଶନର ସୁଯୋଗ ଦେବେ । ତେଣୁ ସ୍ନାନବେଦୀରେ ନବକଳେବର ପୂର୍ବରୁ ଶେଷଥର ପାଇଁ ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ଭିତରେ ପ୍ରବଳ ଉତ୍କଣ୍ଠା ପରିଲକ୍ଷିତ ହୋଇଥିବାରୁ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଯାଇଥିଲା । ପ୍ରଚଣ୍ଡ ରୌଦ୍ରତାପକୁ ଖାତିର ନକରି ଦର୍ଶନାର୍ଥୀ ଭକ୍ତବୃନ୍ଦ ଧୈର୍ଯ୍ୟର ସହ ସ୍ନାନମଣ୍ଡପରେ ମହାପ୍ରଭୁଙ୍କର ଦର୍ଶନ ଲାଭ କରିଥିଲେ । ସ୍ନାନବେଦୀରେ ଶ୍ରୀଜୀଉମାନଙ୍କ ଦର୍ଶନ ମାତ୍ରକେ କୋଟି ଜନ୍ମର ପୂଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ଆମର ବିଶ୍ୱାସ ରହିଛି ।

ମଙ୍ଗଳାର୍ପଣ ଓ ଡ଼ୋରଲାଗି, ପୁଷ୍ପାଞ୍ଜଳି ହେବା ପରେ ଶ୍ରୀଜୀଉମାନଙ୍କ ପହଣ୍ଡି ସକାଳ ୭ଘ.ରେ ଆରମ୍ଭ ହୋଇଥିଲା । ଶ୍ରୀମନ୍ଦିରର ରତ୍ନବେଦୀରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ସାତପାହାଚ ଦେଇ ସ୍ନାନବେଦୀରେ ବିଜେ କରାଯାଇଥିଲା । ଶ୍ରୀସୁଦର୍ଶନ ସକାଳ ୭.୧୫ଘ., ଶ୍ରୀବଳଭଦ୍ର ୭ଘ.୫୫ମି, ଶ୍ରୀସୁଭଦ୍ରା ୮ଘ.୫ମି , ଶ୍ରୀଜଗନ୍ନାଥ ୯ଘ୧୦ମିରେ ସ୍ନାନମଣ୍ଡପରେ ବିଜେ କରିଥିଲେ । ଏହାପରେ ରାମକୃଷ୍ଣ ଓ ମଦନମୋହନ ୧୦ଘ.୩୦ମିରେ ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ । ଶ୍ରୀଜୀଉମାନେ ବିଜେ ହେବା ପରେ ସୁନାଗୋସେଇଁ ଓ ମୁଦିରସ୍ତ ଉତ୍ତରଦ୍ୱାର ବାହାର ବେଢ଼ାସ୍ଥିତ ମା’ ଶୀତଳା ମନ୍ଦିର ନିକଟସ୍ଥ ସୁନା କୁଅରୁ ୧୦୮ଗଡ଼ୁ ଜଳ ଆଣି ଅଧିବାସ ଘରେ ରଖିଥିଲେ । ଘଟୁଆରୀ ଘର ଠାରୁ ଚନ୍ଦନ, କର୍ପୂର, କେଶର ଓ ଚୁଆ ଆଣି ସେହି ଜଳରେ ମିଶାଯାଇଥିଲା । ଏହାପରେ ଦୈନନ୍ଦିନ ନୀତି ଭାବରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ, ବେଶ ଶେଷ, ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ଆଦି ନୀତି ଆରମ୍ଭ ହୋଇଥିଲା । ଏହାପରେ ସ୍ନାନବେଦୀରେ ଶ୍ରୀମହାପ୍ରଭୁଙ୍କର ମହାର୍ଘ ସ୍ନାନ ନୀତି ପାଇଁ ଦିବା ଘ.୧.୫୦ମି.ରେ ଜଳ ବିଜେ ନୀତି ଆରମ୍ଭ ହୋଇଥିଲା । ଗରାବଡୁ ସେବକମାନେ ଅଧିବାସ ଜଳକୁ ସ୍ନାନମଣ୍ଡପକୁ ବିଜେ କରାଇଥିଲେ । ଏହି ଜଳକୁ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜା କରିଥିଲେ । ପୂଜା ଶେଷ ହେବା ପରେ ଗରାବଡୁମାନେ ଗଡୁରେ ଥିବା ଜଳକୁ ମେକାପ ଧରିଥିବା ରୂପା ପିଙ୍ଗଣରେ ଢ଼ାଳିବା ପରେ ପୂଜାପଣ୍ଡା ମେକାପଙ୍କ ଠାରୁ ରୂପା ପିଙ୍ଗଣରେ ଥିବା ଜଳକୁ ନେଇ ତିନି ବାଡ଼ରେ ଲାଗି କରିଥିଲେ । ଏହାପରେ ସ୍ନାନବେଦୀରେ ମହାପ୍ରଭୁଙ୍କ ଦେବସ୍ନାନ ନୀତି ୩ଘ.୧୫ମି.ସୁଦ୍ଧା ସଂପାଦିତ ହୋଇଥିଲା । । ଶ୍ରୀଜୀଉମାନଙ୍କ ଜଳଲାଗି ପରେ ଏବଂ ମଇଲମ ଓ ମେକାପ ସର୍ବାଙ୍ଗ ଶେଷ ହେବା ପରେ ପୁରୀ ଗୋବର୍ଦ୍ଧନ ପୀଠର ଶ୍ରୀମଦ୍ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କର ୬ଜଣ ଶିଷ୍ୟସାଧକଙ୍କ ସହ ସ୍ନାନବେଦୀରେ ଶ୍ରୀଜୀଉମାନଙ୍କ ଦର୍ଶନ କରିଥିଲେ । ତତ୍‌ପରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବ ପାରମ୍ପରିକ ରୀତିରେ ଶ୍ରୀନଅରରୁ ଆସି ଛେରାପହଁରା ନୀତି ବଢ଼ାଇଥିଲେ । ଗଜପତି ମହାରାଜାଙ୍କ ବାହୁଡ଼ା ବିଜେ ପରେ ଶ୍ରୀଜୀଉମାନଙ୍କ ଗଜାନନ ବେଶ ଆରମ୍ଭ ହୋଇଥିଲା । ପାଳିଆ ପୁଷ୍ପାଳକ ଓ ଦଇତାପତି ସେବକମାନେ ଶ୍ରୀଜୀଉମାନଙ୍କୁ ହାତୀ ବେଶ କରାଇଥିଲେ । ଆଜିର ଏକମାତ୍ର ଅନ୍ନଭୋଗ ଘଣ୍ଟଛତା ସକାଳଧୂପ ଶେଷ ହେବା ପରେ ଗଜାନନ ବେଶରେ ଶ୍ରୀଜୀଉମାନଙ୍କ ଦର୍ଶନ ନିମନ୍ତେ ସାହାଣମେଲା ବା ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା । ସ୍ନାନମଣ୍ଡପକୁ ରଙ୍ଗବେରଙ୍ଗର ପୁଷ୍ପ ଓ ଚାନ୍ଦୁଆରେ ସୁସଜ୍ଜିତ କରାଯାଇଥିଲା । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୪ଥାକିଆ ବ୍ୟାରିକେଡ଼ ସହ କଡ଼ାକଡ଼ି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।


ଲୋକସଂପର୍କ ଅଧିକାରୀ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ